# Akashvani, Sambalpur

## SAMBALPURI NEWS BULLETIN

### 6 February 2026 – 6.47- 6.52 am.

**********************************************

ରାଷ୍ଟ୍ରପତି ଓଡ଼ିଶା ଗସ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତର୍ ୫ ନମ୍ବର ଦିନେ ଆଏଜ୍ ସଖାଲ୍‌ବେଲା ଶିମିଲିପାଲ୍ ନ ଆଦିବାସୀ ମହିଲା ଆଉ ଯୁବଗୋଷ୍ଠୀଙ୍କର୍ ସଙ୍ଗେ ଭାବ୍ ବିନିମୟ କର୍‌ବେ । ମଏଧାନେ ଭୁବ୍‌ନେଶ୍ୱର୍ ନ ଚାଲିଥିବା ବ୍ଲାକ୍ ସ୍ୱାନ୍ ସମ୍ମିଳନୀଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ସମ୍ମିଳନୀଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସୂଚନା ଆଉ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ପରୀକ୍ଷା ପେ ଚର୍ଚ୍ଚା          ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ୯ ନମ୍ବର୍ ସଂସ୍କରଣ୍ ଆଏଜ୍ ଦିନର୍ ୧୦ ବଜେ ଦୂରଦର୍ଶନ୍, ଆକାଶବାଣୀ

ସହେତେ ପ୍ରଧାନମନ୍ତ୍ରୀଙ୍କର ସରକାରୀ ୟୁଟ୍ୟୁବ୍ ଚେନାଲ୍, ଶିକ୍ଷା ମନ୍ତ୍ରଣାଳୟର୍ ୟୁଟ୍ୟୁବ୍ ଚେନାଲ୍‌ଥି ପ୍ରସାରଣ କରାଯିବା । ଇ ବଛର୍ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ୍ ଗୁଟେ ନୂଆଁ ରୂପ୍‌ଥି ଆସୁଛେ । କାର୍ଯ୍ୟକ୍ରମ୍‌ଥି ଦେଶର୍ ଭିନ୍ ଭିନ୍ ଇଲାକାର୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ପ୍ରଧାନମନ୍ତ୍ରୀ ଭିନ୍ ଭିନ୍ ଜାଗା ବୁଲି କରି ସେମାନ୍‌କର ମାର୍ଗଦର୍ଶନ୍ କର୍‌ବେ ।

ପରୀକ୍ଷାପେ ଚର୍ଚ୍ଚା-ମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ୟୁନିଟ୍ -୧ ସର୍‌କାରୀ ଉଚ୍ଚବିଦ୍ୟାଳୟ ନ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରଧାନ୍‌ମନ୍ତ୍ରୀଙ୍କର୍ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ର ପ୍ରସାରଣ୍ ଦେଖ୍‌ବେ । କାର୍ଯ୍ୟକ୍ରମ୍ ଦେଖ୍‌ବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ ।

ମୁଖ୍ୟମନ୍ତ୍ରୀ ବଜେଟ୍ ପ୍ରସ୍ତୁତି ବୈଠକ୍ ଆଇ.ଆଣ୍ଡ୍.ପି.ଆର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍ ନ ଗଲାକାଏଲ୍ ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକ୍

ହେଇଯାଇଛେ । ବୈଠକ୍‌ଥି ୫୦ ନୁ ଅଏତ୍‌କା ଭିନ୍ ଭିନ୍ କ୍ଷେତ୍ରର୍ ବିଶେଷଜ୍ଞ ଯୋଗ୍ ଦେଇଥିଲେ । ବିଶେଷଜ୍ଞ, ପରାମର୍ଶଦାତା ଆଉ ଭିନ୍ ଭିନ୍ ଅଂଶୀଦାର୍ ମାନ୍‌କର୍ ମତାମତ୍‌କେ ଆଧାର୍ କରିକରି ଆଉ ଓଡ଼ିଶାବାସୀଙ୍କର୍ ସ୍ୱାର୍ଥକେ ନଜର୍‌ଥି ରଖିକରି ୨୦୨୬-୨୭ ବଜେଟ୍‌କେ ଲୋକଙ୍କର୍ ବଜେଟ୍ ଭାବେ ପ୍ରସ୍ତୁତ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କହିଛନ୍...

(ଭଏସ୍ ଓଭର୍- ଅନୁଗର୍ଗ)

ଭାରତୀୟ ମଜଦୁର ସଂଘ ସମ୍ମିଳନୀ ପୁରୀ ସମ୍ବାଦଦାତା

ଭାରତୀୟ ମଜଦୁର ସଂଘର୍ ୨୧ ନମ୍ବର ଅଖିଳ ଭାରତୀୟ ସମ୍ମିଳନୀ ପୁରୀ ନ ଆଏଜ୍‌ଠାନୁ ମୁଲ୍ ହେବା । ଉଦ୍‌ଘାଟନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶ୍ରମ ଆଉ ନିଯୁକ୍ତି ମନ୍ତ୍ରୀ ମନ୍‌ସୁଖ୍ ମାଣ୍ଡବ୍ୟ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ଜାତୀୟ ମହିଳା ଆୟୋଗ୍‌ର ଅଧ୍ୟକ୍ଷା ବିଜୟା ରାହତ୍‌କର ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ତିନ୍‌ଦିନିଆ ସମ୍ମିଳନୀଥି ଦେଶର୍ ୨୮ଟା ରାଜ୍ୟ, ୪ଟା କେନ୍ଦ୍ରଶାସିତ୍ ଅଂଚଲ, ୪୨ଟା ଶିଳ୍ପ ଫେଡେରେସନ୍‌ର ପ୍ରତିନିଧି ଯୋଗ୍ ଦେବେ । ଇତାର୍

ସହେତେ ବ୍ରାଜିଲ୍, ମରିସସ୍, ଇଟାଲୀ, ତୁର୍କୀ, ନେପାଲର ୩୮ ଝନ୍ ପ୍ରତିନିଧି ଭିଲ୍ ସାମିଲ୍ ହେବେ ।

ଗୋଦାନ୍ ପ୍ରିମିୟର୍-ମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ତାଙ୍କର୍ ସର୍କାରୀ ବାସଭବନ୍ ନ ହିନ୍ଦୀ ସିନ୍ମା ଗୋଦାନ୍ର ପ୍ରିମିୟର୍ ସୋ ଦେଖିଛନ୍ । ମୁନ୍ସୀ ପ୍ରେମ୍ଚନ୍ଦ୍ଙ୍କର୍ ବହି ଗୋଦାନ୍ ଉପ୍ରେ ତିଆର୍ ହେଇଥିବା ଇ ସିନ୍ମା ଦେଖିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୋଦାନ୍ ବାଗିର୍ ଫିଲ୍ମ ଆଝିରର୍ ସମିଆଥି ବହୁତ୍ ଗୁରୁତ୍ୱ ରଖୁଛେ ବଲି କହିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ନ ସିନ୍ମାକେ ଟିକସ୍ମୁକ୍ତ ଘୋଷ୍ନା କର୍ବାର୍ ସହେତେ ରାଏଜେ ଗୋ-ଅନୁସନ୍ଧାନ୍ କେନ୍ଦ୍ର ଥାପ୍ନା କର୍ବାର୍ ଲାଗି ଘୋଷ୍ନା କରିଛନ୍ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀଙ୍କର୍ ଭୁବ୍ନେଶ୍ୱର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ନ ଆଏବା ସୋମ୍ବାର୍ ଦିନ ଜନଅଭିଯୋଗ୍ ଶୁଣାଣି ଅନୁଷ୍ଠିତ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉପସ୍ଥିତ୍ ରହିକରି ଲୁକ୍କର୍ ଅଭିଯୋଗ୍ ମାନ୍କର୍

ଶୁଣାଣି କର୍‌ବେ । ଇଥିର୍‌ଲାଗି ଆଏଜ୍ ଦିନର୍ ୧୧ ବଜେନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଅନ୍‌ଲାଇନ୍ ଜରିଏ ସର୍ବାଧିକ୍ ହଜାରେ ଝନ୍ ପଞ୍ଜିକରଣ୍ କରିପାର୍‌ବେ ।

ରାଜ୍ୟସ୍ତରୀୟ ଆଦିବାସୀ ମେଳା ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଆଦିବାସୀ ପଡ଼ିଆ ନ ଚାଲିଥିବା ରାଜ୍ୟସ୍ତରୀୟ ଆଦିବାସୀ ମେଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ସଂଖ୍ୟାଲଘୁ ଆଉ ପଛୁଆ ବର୍ଗ ବିକାଶ୍ ବିଭାଗ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସର୍‌କାର୍‌ଙ୍କର୍ ଜନଜାତି ବିକାଶ୍ ଉଦ୍ୟମ୍ ବାବ୍‌ଦେ କହିଥିଲେ । ୧୧ ଦିନ୍ ଧରିକରି ଚାଲିଥିବା ମେଳାଥି ୪ କୋଟିନୁ ଅଏତ୍‌କା ବେପାର୍ ହେଇଥିବାର୍ ସୂଚ୍‌ନା ମିଲିଛେ ।

ଓଡ଼ିଆ ଭାଷା ତାଲିମ୍ ଆଇ.ଆଣ୍ଡ୍.ପି.ଆର୍

ସର୍‌କାରୀ କାମ୍‌କାଜ୍‌ଥି ଓଡ଼ିଆ ଭାଷାର୍ ବେଭାର୍ ଲାଗି ଭୁବ୍‌ନେଶ୍ୱର୍ ସର୍‌କାରୀ ଅଧିକାରୀମାନ୍‌କର୍ ୨ ଦିନିଆ ତାଲିମ୍ ଶିବିର୍ ଗଲାକାଏଲ୍ ମୁଲ୍ ହେଇଛେ । ଓଡ଼ିଆ ଭାଷା ପ୍ରତିଷ୍ଠାନ୍ ତର୍‌ଫୁ ହେଇଥିବା ଶିବିର୍‌ଥି

ରାଜ୍ୟ ସର୍କାର୍ଙ୍କର୍ ୧୩ ଟା ବିଭାଗ୍ର ଶହେ ନୁ ଅଏତ୍କା ଅଧିକାରୀ ତାଲିମ୍ ନଉଛନ୍ ।

ଫାଇଲେରିଆ ନିରାକକରଣ ଅଭିଯାନ୍ ଆଇ.ଆଣ୍ଡ୍.ପି.ଆର

ରାଏଜେ ଆଏଜ୍ଠାନୁ ଲିମ୍ଫାଟିକ୍ ଫାଇଲେରିଆ ନିରାକରଣ ଅଭିଯାନ୍ ମୁଲ୍ ହେବା । ଭୁବନେଶ୍ୱର ଠାନେ ଥିବା ସ୍ୱାସ୍ଥ୍ୟ ବିଭାଗର୍ ଯୁଗ୍ମ ନିର୍ଦ୍ଦେଶାଳୟର୍ ସମ୍ମିଳନୀ କକ୍ଷ ନ ଦିନର୍ ୧୨ ବଜେ ଅଭିଯାନ୍ର ଶୁଭାରମ୍ଭ କରାଯିବା । ଅଭିଯାନ୍ଥି ରାଏଜେ ଫାଇଲେରିଆ ନିରାକରଣ ଲାଗି ସାମୁହିକ୍ ଉଷୋ ଖୁଆୟିବା ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼୍ଭାଗୀ ଜାଗାନ ଶୀତ୍ର ପ୍ରଭାବ୍ କମିଛେ । ଆଏବା ୨-୩ ଦିନ୍ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍ରୁ ରାତିର୍ ତାପମାତ୍ରା ୨ନୁ ୩ ଡିଗ୍ରୀ ତକ୍ କମ୍ବା ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ ।